# NATIONAL NEWS BULLETIN (ODIA)

## 9 April - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଦେଶର ଉତ୍ତର ପୂର୍ବାଞ୍ଚଳ ନବ ଭାରତର ସବୁଠାରୁ ବଡ଼ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।
- ଆଗାମୀ ୧୯ ତାରିଖ ଦିନ ଦେଶରେ ୧୦୨ଟି ଲୋକସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୧ହଜାର ୬୨୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

– ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଗତକାଲି ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

- ପାକିସ୍ତାନ ସଂସଦର ଉଚ୍ଚ ସଦନର ନବନିର୍ବାଚିତ ସଦସ୍ୟମାନଙ୍କର ଆଜି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ।
- ଆଇପିଏଲ୍‌ରେ ଆଜି ଚଣ୍ଡିଗଡ଼ଠାରେ ପଞ୍ଜାବ କିଙ୍ଗସ୍ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ ।

ଏବଂ

- ଏସିଆନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍-୨୦୨୪ ଆଜିଠାରୁ ଚୀନ୍‌ର ନିଙ୍ଗବୋ ଠାରେ ଆରମ୍ଭ ହେଉଛି ।

## ପିଏମ୍-ଇଣ୍ଟରଭ୍ୟୁ

ଦେଶର ଉତ୍ତର ପୂର୍ବାଞ୍ଚଳ ନବ ଭାରତର ସବୁଠାରୁ ବଡ଼ ସଫଳତା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତ ପାଞ୍ଚ ବର୍ଷ ମଧ୍ୟରେ ଏହି ଅଞ୍ଚଳର ବିକାଶ ଲାଗି ବିଗତ କଂଗ୍ରେସ ସରକାର ତୁଳନାରେ ବର୍ତ୍ତମାନର ବିଜେପି ସରକାରଙ୍କ ଦ୍ୱାରା ଚାରିଗୁଣ ଅଧିକା ପୁଞ୍ଜିନିବେଶ କରାଯାଇଛି । ଏକ ସମ୍ବାଦପତ୍ର ସହିତ ସାକ୍ଷାତକାର ଦେବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଗତ ଏକ ଦଶନ୍ଧିରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାରଙ୍କ ବିଭିନ୍ନ ମୌଳିକଢାଞ୍ଚାଗତ ବିକାଶ ଯୋଗୁଁ ବର୍ତ୍ତମାନ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକୁ ଦେଶର ଅନ୍ୟ ଭାଗ ସହିତ ସଂଯୋଗ କରାଯାଇ ପାରିଛି । ଏହି ଅବସରରେ ଦେଶର ପ୍ରଥମ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ମଣିପୁର ଠାରେ ପ୍ରତିଷ୍ଠା କରାଯିବା ସହ ଉତ୍ତର ପୂର୍ବାଞ୍ଚଳର ୮ଟି ରାଜ୍ୟରେ ୨୦୦ରୁ ଅଧିକ ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକରେ ବର୍ତ୍ତମାନ ବିଦ୍ରୋହୀଙ୍କୁ ନିୟନ୍ତ୍ରଣ କରାଯିବା ସହ ଶାନ୍ତି ପ୍ରତିଷ୍ଠା କରାଯାଇ ପାରିଛି । ଏହି ଅବସରରେ ଗତ ୧୦ ବର୍ଷ ମଧ୍ୟରେ ୧୧ଟି ଶାନ୍ତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଶ୍ରୀ ମୋଦୀ କହିଛନ୍ତି, ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ୨୦୧୪ ମସିହା ପରଠାରୁ ବର୍ତ୍ତମାନ ସୁଦ୍ଧା ୯ହଜାର ୫୦୦ରୁ ଅଧିକ ବିଦ୍ରୋହୀ ଆତ୍ମସମର୍ପଣ କରିବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେବା ଯୋଗୁଁ ଉତ୍ତର ପୂର୍ବାଞ୍ଚଳର ଅଧିକାଂଶ ସ୍ଥାନରୁ **AFSPA**କୁ ଇତିମଧ୍ୟରେ ପ୍ରତ୍ୟାହାର କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ଏମ୍‌ପି

ମଧ୍ୟପ୍ରଦେଶରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ନିର୍ବାଚନ ପ୍ରଚାର ସରଗରମ ହୋଇଛି । ବିଭିନ୍ନ ଦଳର ଷ୍ଟାର ପ୍ରଚାରକମାନେ ରାଜ୍ୟଗସ୍ତ କରି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି । ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବାଲାଘାଟର ଉତ୍‌ଖ୍ରିତ୍ ପଡ଼ିଆ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ସହ ଏକ ଜନସମାବେଶରେ ଉଦ୍‌ବୋଧନ ଦେବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଗତ ତିନି ଦିନ ମଧ୍ୟରେ ଏହା ହେଉଛି ଶ୍ରୀ ମୋଦୀଙ୍କର ଦ୍ୱିତୀୟ ମଧ୍ୟପ୍ରଦେଶ ଗସ୍ତ । ବାଲାଘାଟ ଏକ ନକ୍ସଲ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଶ୍ରୀ ମୋଦୀଙ୍କର ଆଜିକାର ଗସ୍ତ ଲାଗି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

ଅନ୍ୟ ପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧି ଗତକାଲି ସିଓନି ଏବଂ ସାଦୋଲ ଠାରେ ଦୁଇଟି ପୃଥକ ଜନସମାବେଶରେ ଉଦ୍‌ବୋଧନ ଦେବା ସହିତ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ଆସନ୍ତା ୨୬ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ମୋଟ୍ ୭ଟି ଲୋକସଭା ଆସନରେ ୮୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପିଏମ୍‌-ଟିଏନ୍‌-ରୋଡ୍‌ ଶୋ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇଦିନିଆ ତାମିଲନାଡୁ ଗସ୍ତ କରି କେତେକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଆଜି ଚେନ୍ନାଇ ଠାରେ ଶ୍ରୀ ମୋଦୀ ଏକ ରୋଡ୍ ଶୋ'ରେ ଅଂଶଗ୍ରହଣ କରିବା ପରେ ଆସନ୍ତାକାଲି ଭେଲୋର୍ ଏବଂ କୋଏମ୍ବାଟୁର ଠାରେ ଦୁଇଟି ନିର୍ବାଚନୀ

ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୧୯ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅବସରରେ ତାମିଲନାଡୁର ୩୯ଟି ଲୋକସଭା ଆସନ ଲାଗି ମତଦାନ ଆରମ୍ଭ ହେବ ।

## ଓ୍ୱିଡ୍ରଲ୍ ଅଫ୍ ନୋମିନେସନ୍

ଆଗାମୀ ୧୯ ତାରିଖ ଦିନ ଦେଶରେ ୧୦୨ଟି ଲୋକସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ଏଥିଲାଗି ୧ହଜାର ୬୨୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେମାନଙ୍କ ମଧ୍ୟରୁ ୧ହଜାର ୪୯୧ ଜଣ ପ୍ରାର୍ଥୀ ପୁରୁଷ ଓ ୧୩୪ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଅନ୍ୟ ପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଲାଗି ଗତକାଲି ଥିଲା ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ଏହି ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ଲାଗି ଆସନ୍ତା ୨୬ ତାରିଖ ଦିନ ମତଦାନ ଅନୁଷ୍ଠିତ ହେବ ।

ଏହି ପର୍ଯ୍ୟାୟରେ ମହାରାଷ୍ଟ୍ରର ବୁଲଧାନା, ଆକୋଲା, ଅମରାବତି, ଓ୍ୱାର୍ଦ୍ଧା, ୟବତମାଲା-ଓ୍ୱାସିମ୍, ହିଙ୍ଗୋଲି, ନାନ୍ଦେଦ ଏବଂ ପାରଭାନି' ଏହି ୮ଟି ଲୋକସଭା ଆସନ ଲାଗି ମତଦାନ ହେବ । ଗତକାଲି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନରେ ମୋଟ୍ ୯୫ ଜଣ ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର

ପ୍ରତ୍ୟାହାର କରିଛନ୍ତି । ମୋଟ୍ ୧୮୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ପର୍ଯ୍ୟାୟ ନିର୍ବାଚନରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ବର୍ତ୍ତମାନର ସାଂସଦ ପ୍ରତାପ ପାଟିଲ ଚିକିଲ୍‌କର, କଂଗ୍ରେସର ବସନ୍ତରାଓ ଚୌହାନ ଏବଂ ବଞ୍ଚିତ ବହୁଜନ ଆଘାଡ଼ିର ଅବିନାଶ ଭୋଷିକାର ଅନ୍ତର୍ଭୁକ୍ତ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପାକ୍

ପାକିସ୍ତାନ ସଂସଦର ଉଚ୍ଚ ସଦନର ନବନିର୍ବାଚିତ ସଦସ୍ୟମାନଙ୍କର ଆଜି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ । ଏଥିସହିତ ନୂତନ ସିନେଟ୍‌ର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମଧ୍ୟ ନିର୍ବାଚିତ ହେବେ । ଏଥିଲାଗି ପାକିସ୍ତାନ ରାଷ୍ଟ୍ରପତି ଅସୀତ ଅଲି ଜର୍ଦ୍ଦାରୀ ଆଜି ସକାଳ ୯ଟାରେ ସଂସଦ ଭବନରେ ସିନେଟ୍‌ର ବୈଠକ ଡାକିଛନ୍ତି ।

## ପିଏମ୍-ଚନ୍ଦ୍ରପୁର

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏନ୍.ଡି.ଏ. ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ କେବଳ ମହାରାଷ୍ଟ୍ରରେ ନୁହେଁ ବରଂ ସମଗ୍ର ଦେଶରେ ନକ୍ସଲ ଉପଦ୍ରବ ଦୁର୍ବଳ

ହୋଇଛି । ଗତକାଲି ମହାରାଷ୍ଟ୍ର ଗସ୍ତ କରି  ଚନ୍ଦ୍ରପୁରର ମରଓ୍ୱା ବିମାନ ବନ୍ଦର ପଡ଼ିଆଠାରେ ଆୟୋଜିତ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ମୋଦୀ ଗତକାଲି ମହାରାଷ୍ଟ୍ରର ଚନ୍ଦ୍ରପୁର ଓ ଗଡ଼ଚିରୋଲି ଲୋକସଭା ଆସନ ଲାଗି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପି ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରି କହିଛନ୍ତି, ଏକଦା ନକ୍ସଲବାଦ ଲାଗି ଜଣାଯାଉଥିବା ଗଡ଼ଚିରୋଲି ବର୍ତ୍ତମାନ ଇସ୍ପାତ ଶିଳ୍ପ ଏବଂ ବିକାଶ ଲାଗି ପରିଚିତ ହୋଇପାରିଛି । ସମାଜର  ଦୁର୍ବଳ ଶ୍ରେଣୀ ବର୍ଗଙ୍କର ଉତ୍ଥାନ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ୮୦ କୋଟି ଲୋକଙ୍କୁ ବର୍ତ୍ତମାନ ମାଗଣାରେ ରାସନ ଯୋଗାଇ ଦିଆଯାଉଥିବା ବେଳେ ୫୦ କୋଟିରୁ ଉର୍ଦ୍ଧ୍ୱ ନାଗରୀକମାନଙ୍କୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି  ।

ବିରୋଧୀ କଂଗ୍ରେସ ଦଳକୁ ସମାଲୋଚନା କରି ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟରେ ଶାସନ କରୁଥିବା ବିଗତ ସରକାର  ସେଠାରେ ବିକାଶ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ବିକାଶମୂଳକ ଯୋଜନା ଗୁଡ଼ିକର ସଫଳ ରୂପାୟନ ଦିଗରେ ବାଧା ସୃଷ୍ଟି କରୁଥିଲେ । ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେଙ୍କ

ନେତୃତ୍ୱରେ ରାଜ୍ୟ ସରକାର ପୁଣିଥରେ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରୁଛନ୍ତି ଏବଂ ରାଜ୍ୟକୁ ବିକାଶପଥରେ ଆଗେଇ ନେବାରେ ସଫଳ ହୋଇଛନ୍ତି ବୋଲି ଶ୍ରୀ ମୋଦୀ ମତବ୍ୟକ୍ତ କରିଛନ୍ତି । ମହାରାଷ୍ଟ୍ରର ଚନ୍ଦ୍ରପୁର ଲୋକସଭା ଆସନରୁ ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ  ସୁଧିର ମୁଙ୍ଗତିୱାର ଏବଂ ଗଡ଼ଚିରୋଲି ଆସନରୁ ବର୍ତ୍ତମାନର ସାଂସଦ ଅଶୋକ ନେଟେ ବିଜେପି ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଅନ୍ୟ ପକ୍ଷରେ କଂଗ୍ରେସ ଦଳରୁ ପୂର୍ବତନ ସାଂସଦ ବାଲୁ ଧାନୋର୍‌କରଙ୍କ ପତ୍ନୀ ପ୍ରତିଭା ଧାନୋରକରଙ୍କୁ ଚନ୍ଦ୍ରପୁର ଠାରେ ପ୍ରାର୍ଥି କରାଯାଇଥିବା ବେଳେ ଗଡ଼ଚିରୋଲି ଆସନରେ ଡକ୍ଟର ନାମଦେବ କିର୍‌ସନ୍‌ଙ୍କୁ ଟିକେଟ୍ ମିଳିଛି । ଆଗାମୀ ୧୯ ତାରିଖ ଦିନ ପୂର୍ବାଞ୍ଚଳ ବିଦରଭାର ନାଗପୁର, ରାମଟେକ୍, ଚନ୍ଦ୍ରପୁର, ଗଡ଼ଚିରୋଲି-ଚିମୁର୍, ଭାନ୍ଦ୍ରା-ଗୋନ୍ଦିଆ ଲୋକସଭା ଆସନ ଲାଗି ମତଦାନ ଅନୁଷ୍ଠିତ ହେବ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍ କୋଲକାତା ନାଇଟ୍ ରାଇଡର୍ସ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତିବା ପରେ

ଚେନ୍ନାଇ ସୁପରକିଙ୍ଗସ୍ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ୍ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୩୭ରନ୍ କରିଥିଲା । ଦଳ ପକ୍ଷରୁ ଶ୍ରେୟସ୍ ଆୟାର୍ ୩୨ଟି ବଲ୍‌ରୁ ସର୍ବାଧିକ ୩୪ରନ୍ କରିଥିଲେ । ଚେନ୍ନାଇ ପକ୍ଷରୁ ତୁଷାର ଦେଶପାଣ୍ଡେ ଓ ରବିନ୍ଦ୍ର ଜାଡେଜା ୩ଟି ଲେଖାଏଁ ଏବଂ ମୁସ୍ତାଫିଜୁର୍ ରହେମାନ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୩୮ରନ୍ ବିଜୟଲକ୍ଷ୍ୟର ପିଛା କରି ଚେନ୍ନାଇ ସୁପରକିଙ୍ଗସ୍  ୧୪ଟି ବଲ୍ ବାକିଥାଇ ୩ ୱିକେଟ୍ ହରାଇ ୧୪୧ରନ୍ ସଂଗ୍ରହ କରିନେଇଥିଲେ । ଦଳ ପକ୍ଷରୁ ଅଧିନାୟକ ଋତୁରାଜ ଗାଏକୱାର୍ଡ୍ ୫୮ଟି ବଲ୍‌ରୁ ୬୭ରନ୍ କରି ଅପରାଜିତ ରହିଥିଲେ । ରବିନ୍ଦ୍ର ଜାଡ଼େଜା ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଆଜି ଚଣ୍ଡିଗଡ଼ର ମହାରାଜ ଯାଦବେନ୍ଦ୍ର ସିଂହ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ପଞ୍ଜାବ କିଙ୍ଗସ୍ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମଧ୍ୟରେ ମୁକାବିଲା ହେବ ।

## ଏସିଆନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍

ଏସିଆନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ର ୨୦୨୪ ସଂସ୍କରଣ ଆଜିଠାରୁ ଚୀନ୍‌ର ନିଙ୍ଗବୋ ଠାରେ ଆରମ୍ଭ ହେଉଛି । ଭାରତ ପକ୍ଷରୁ ଏହି

ପ୍ରତିଯୋଗିତାରେ ଏଚ୍.ଏସ୍. ପ୍ରଣୟ, କିଦାମ୍ବୀ ଶ୍ରୀକାନ୍ତ, ଲକ୍ଷ୍ୟ ସେନ୍ ଓ ପି.ଭି. ସିନ୍ଧୁଙ୍କ ସମେତ ଅନ୍ୟ ପ୍ରତିଯୋଗୀମାନେ ଭାଗ ନେଉଛନ୍ତି । ପୁରୁଷ ସିଙ୍ଗଲ୍ସ ବର୍ଗରେ ଉଦ୍‌ଘାଟନୀ ପର୍ଯ୍ୟାୟରେ ଭାରତର ଏଚ୍.ଏସ୍. ପ୍ରଣୟ ଚୀନ୍‌ର ଲୁ ଗୁଆଜ୍‌ହଉଙ୍କୁ ଭେଟିବାକୁ ଥିବାବେଳେ କିଦାମ୍ବୀ ଶ୍ରୀକାନ୍ତଙ୍କ ସହିତ ଇଣ୍ଡୋନେସିଆର ଆନ୍ଥୋନି ଗିନ୍‌ଟିଙ୍ଗ୍ ମୁକାବିଲା ହେବ । ସେହିଭଳି ପ୍ରଥମ ପର୍ଯ୍ୟାୟରେ ଲକ୍ଷ୍ୟ ସେନ ଟପ୍‌ସିଡ୍ ସି ୟୁ କିଙ୍କୁ ଭେଟିବାକୁ ଥିବା ବେଳେ ପ୍ରିୟାଂଶୁ ରାଜୱତ୍ ମାଲେସିଆର ଲି ଜିଙ୍କ ସହିତ ମୁକାବିଲା କରିବେ ।

ମହିଳା ସିଙ୍ଗଲ୍ସ ବର୍ଗରେ ପ୍ରଥମ ପର୍ଯ୍ୟାୟରେ ପି.ଭି. ସିନ୍ଧୁ ମାଲେସିଆର ଗୋ ଜିନ୍ ୱିଙ୍କୁ ଭେଟିବାକୁ ଥିବାବେଳେ ଆକାର୍ଷି କାଶ୍ୟପଙ୍କ ସହିତ ଥାଇଲାଣ୍ଡ ବୁସାନାନ୍ ଅଙ୍ଗବା-ମୃଙ୍ଗ-ଫାଙ୍ଗ୍‌ଙ୍କ ସହିତ ମୁକାବିଲା ହେବ ।

ସେହିଭଳି ପୁରୁଷ ଡବଲ୍ସ ବର୍ଗରେ ଭାରତର ଏମ୍.ଆର୍. ଅର୍ଜୁନ ଓ ଧ୍ରୁବ କପିଳାଙ୍କ ଯୋଡ଼ି ଚୀନ୍‌ର ଲ୍ୟୁ ୟୁ ଚେନ୍ ଓ ଔ ଜୁଆନ୍ ଇ ଯୋଡ଼ିଙ୍କ ମଧ୍ୟରେ ମୁକାବିଲା ହେବ । ସେହିଭଳି ମହିଳା ଡବଲ୍ସ ବର୍ଗରେ ତାନିସା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନ୍ନାପା ଇଣ୍ଡୋନେସିଆର ଯୋଡ଼ି ଏଫ୍.ଡି. କୁସୁମା ଏବଂ ଏ.ସି. ପ୍ରାତିୱିଙ୍କୁ ଭେଟିବାକୁ ଥିବା ବେଳେ ଅନ୍ୟ ଏକ ଭାରତୀୟ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଚୀନ୍‌ର ଲ୍ୟୁ ସେଙ୍ଗ୍ ସୁ ଓ ତାନ୍ ନିଙ୍ଗ୍ ଯୋଡ଼ିଙ୍କ ମଧ୍ୟରେ ମୁକାବିଲା ହେବ ।